بسم الله الرحمن الرحيم

## ୧୭ ଅଗଷ୍ଟ ୨୦୧୮ ଖୁତବାର ଜୁମାର ସାରାଂଶ
## ସ୍ଥାନ-ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍

**ଆଁ ହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦର ସାହାବା ମାନଙ୍କ ଜୀବନୀର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ମନମୁଗ୍ଧକର ଚର୍ଚ୍ଚା ।**

ମୁଁ କେତେକ ବଦରୀ ସାହାବାମାନଙ୍କ ସମ୍ପର୍କରେ ଆଲୋଚନା କରିବି । ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ୍ ଆମିର୍ ବିନ୍ ରବିୟା । ତାଙ୍କର ବଂଶ ହଜ଼ରତ୍ ଉମର ର.ଅଙ୍କ ପିତାଶ୍ରୀ ଖତ୍ତାବଙ୍କ ମିତ୍ର ଥିଲେ । ଏହି କାରଣ ଯୋଗୁଁ ହଜ଼ରତ୍ ଉମର୍ ଓ ହଜ଼ରତ୍ ଆମିରଙ୍କ ମଧ୍ୟରେ ଅନ୍ତିମ ସମୟ ପର୍ଯ୍ୟନ୍ତ ମୈତ୍ରିକ ସଂପର୍କ ସ୍ଥାପିତ ହୋଇପାରିଥିଲା । ସେ ସବୁଠୁ ପ୍ରାରମ୍ଭରେ ଇମାନ୍ (ବିଶ୍ୱାସ) ଆଣିଥିଲେ । ଯେତେବେଳେ ସେ ଇମାନ୍ ଆଣିଲେ ସେତେବେଳ ହୁଜୁର୍ ସ.ଅ.ବ ବର୍ତ୍ତମାନ ସୁଦ୍ଧା ଦାରେ ଅରକମ ଠାରେ ଶରଣ ନେଇ ନଥିଲେ । ହଜ଼ରତ୍ ଆମିର୍ ନିଜର ପତ୍ନୀ ଲୈଲା ବିନତ୍ (ସୁପୁତ୍ରୀ) ହଶମାଙ୍କ ସହ ହବଶା ଆଡ଼କୁ ପ୍ରବାସ କରିଗଲେ । ପୁନଶ୍ଚ ଏହାପରେ ସେ ମକ୍କାକୁ ଫେରି ଆସିଲେ ଏବଂ ମଦିନା ଆଡ଼କୁ ପ୍ରବାସ କଲେ । ହଜ଼ରତ୍ ଆମିର୍ ବିନ୍ ରବିୟାଃଙ୍କ ପତ୍ନୀଙ୍କୁ ସର୍ବପ୍ରଥମ ମଦିନା ପ୍ରବାସକାରୀ ମହିଳାର ସମ୍ମାନ ପ୍ରାପ୍ତ ହୋଇଛି । ହଜ଼ରତ୍ ଆମିର ବଦର୍ ତଥା ଆନ୍ୟ ସମସ୍ତ ଧର୍ମଯୁଦ୍ଧରେ ହୁଜୁର୍ ସ.ଅ.ବଙ୍କ ସହିତ ଶାମିଲ୍ ଥିଲେ । ଆମିର୍ ବିନ୍ ରବିୟାଃଙ୍କର ମୃତ୍ୟୁ ୩୨ ହିଜରିରେ ହୋଇଥିଲା ।

ହଜ଼ରତ୍ ଆମିର୍ ଉଲ୍ଲେଖ କରନ୍ତି ଯେ, ତାଙ୍କୁ ଆଁହଜ଼ରତ୍ ସ.ଅ.ବ କହିଲେ ଯେ,ତୁମମାନଙ୍କ ମଧ୍ୟରୁ ଯଦି କେହି କାହାର ଜନାଜ଼ା (ଅନ୍ତ୍ୟୋଷ୍ଟି) ଦେଖେ ଏବଂ ସେହି ଜନାଜ଼ା ସହିତ (ପଛରେ) ଯିବାକୁ ଇଚ୍ଛୁକ ନଥାଏ ତେବେ ତାହା ପାଇଁ ଏହା ଉଚିତ୍ ହେବ ଯେ, ସେ ଛିଡ଼ା ହୋଇଯାଉ । ଯଥା ସମ୍ଭବ , ସେହି ଜନାଜ଼ାଟି ସେହି ବ୍ୟକ୍ତି ପଛରେ ପକାଇ ଦେଉ ଅଥବା ସେହି ଜନାଜ଼ାକୁ ସେହି ବ୍ୟକ୍ତି ପଛରେ ଥୋଇ ଦିଆଯାଉ ।

ଅବ୍ଦୁଲ୍ଲାଃ ଇବ୍ନେ ଆମିର୍ ର.ଅ ନିଜର ପିତାଶ୍ରୀ ହଜ଼ରତ୍ ଆମିରଙ୍କଠୁ ଉଲ୍ଲେଖ କରନ୍ତି ଯେ,ସେ ଗୋଟିଏ ରାତ୍ର ନମାଜ଼ ପଢିବା ପାଇଁ ଛିଡ଼ା ହେଲେ ଏହା ସେହି କାଳର କଥା ଥିଲା ଯେ, ଯେତେବେଳେ ଲୋକମାନେ ହଜ଼ରତ୍ ଉସମାନ୍ ର.ଅଙ୍କ ସଂପର୍କରେ ନାନ ପ୍ରକାର ଭ୍ରାନ୍ତ ଧାରାଣା ତଥା ଅପପ୍ରଚାର କରୁଥିଲେ । ସେହି ସମୟରେ ବିଦ୍ରୋହ ଆରମ୍ଭ ହୋଇସାରିଥିଲା ଏବଂ ଲୋକମାନେ ତାଙ୍କୁ କଟାକ୍ଷ କରୁଥିଲେ । କୁହାଯାଏ ଯେ, ନମାଜ଼ ପରେ ସେ ଶୋଇପଡ଼ିଲେ ,ସ୍ୱପ୍ନରେ ସେ ଦେଖିଲେ ଯ, ତାଙ୍କୁ କୁହା ଗଲା ଯେ, ଉଠ ଏବଂ ଅଲ୍ଲାଃଙ୍କୁ ଉପାସନା ତଥା ପ୍ରାର୍ଥନା କର ଯେ, ଯଦ୍ୱାରା କି ଅଲ୍ଲାଃତାଲା ତୁମକୁ ସେହି ବିଦ୍ରୋହରୁ ଉଦ୍ଧାର କରନ୍ତୁ । ଯେପରିକି ଇଶ୍ୱର ନିଜର ପ୍ରିୟ ଭକ୍ତମାନଙ୍କୁ ଏହି ବିପଦରୁ ଉଦ୍ଧାର କରିଛନ୍ତି । ଅତଃଏବ୍ ହଜ଼ରତ୍ ଆମିର ବିନ୍ ରବିୟାଃ ଉଠିପଡ଼ିଲେ ଏବଂ ସେ ନମାଜ଼ ପଢ଼ିଲେ ଓ ତତ୍ପଶ୍ଚାତ୍ ସେ ପ୍ରାର୍ଥନା କରିବାକୁ ଲାଗିଲେ । ସୁତରାଂ ନମାଜ଼ ତତ୍ପଶ୍ଚାତ୍ ସେ ରୋଗାଗ୍ରସ୍ତ ହୋଇପଡ଼ିଲେ ଏବଂ ପୁନଶ୍ଚ ଆଉ ସେ ସ୍ୱୟଂ ଘରୁ ବାହାରିଲେ ନାହିଁ , ତାଙ୍କର ଜନାଜ଼ା ଅର୍ଥୀ ହିଁ ମାତ୍ର ଘରୁ ବାହାରିଲା ।ଅଲ୍ଲାଃତାଲା ତାଙ୍କୁ ବିଦ୍ରୋହରୁ ରକ୍ଷା ପାଇବା ପାଇଁ ତଥା ଉଦ୍ଧାରା କରିବା ପାଇଁ ତାଙ୍କ ନିମନ୍ତେ ଏଭଳି ଏକ ପରିସ୍ଥିତି ସୃଷ୍ଟି କଲେ।

ଗୋଟିଏ ଅବସରରେ ଜଣେ ବ୍ୟକ୍ତି ହଜ଼ରତ ଆମିରଙ୍କୁ କହିଲେ ଯେ, ମୁଁ ହୁଜୁର୍ ସ.ଅ.ବଙ୍କ ଠାରୁ ଏମିତି ଏକ ଦୁର୍ଲଭ ପାର୍ବତ୍ୟବନ ସମ୍ପତ୍ତି ରୂପେ ମାଗିଥିଲି ଯେ, ପୁରା ଆରବରେ ଏମିତି ସୁନ୍ଦର ପାର୍ବତ୍ୟବନ ନାହିଁ ଏବଂ ଆଁହଜ଼ରତ୍ ସ.ଅ.ବ ମୋତେ ସେହି ସୁନ୍ଦର ପାର୍ବତ୍ୟ ବନ ପ୍ରଦାନ କରିଦେଲେ । ବର୍ତ୍ତମାନ ମୁଁ ଚାହୁଁଛି ଯେ,ଏହି ପାର୍ବତ୍ୟ ବନର ଏକ ଅଂଶ ତୁମକୁ ଦେଇଦେବି ଯାହାକି ତୁମ ଜୀବନରେ ତୁମର ହୋଇ ରହୁ ଏବଂ ତୁମ ପରେ ତୁମ ସନ୍ତାନ ସନ୍ତତିଙ୍କର ହେଉ । ହଜ଼ରତ୍ ଆମିର କହିଲେ ମୋତେ ତୁମର ସେହି ପାର୍ବତ୍ୟବନର କୌଣସି ଆବଶ୍ୟକତା ନାହିଁ । କାରଣ ଆଜି ଏପରି ଏକ ସୁରତ ଅବତରିତ ହୋଇଛି ଯେକି ଆମକୁ ଦୁନିଆ ଭୁଲାଇ ଦେଇଅଛି ଏବଂ ତାହା ଏହା ଯେ, (الانبیا:2) اِقۡتَرَبَ لِلنَّاسِ حِسَابُہُمۡ وَ ہُمۡ فِیۡ غَفۡلَۃٍ مُّعۡرِضُوۡنَ ଅର୍ଥାତ୍ ଲୋକମାନଙ୍କଠାରୁ ସେମାନଙ୍କ ହିସାବ ନେବାର ସମୟ ନିକଟବର୍ତ୍ତୀ ହୋଇଅଛି , ତଥାପି ସେମାନେ ଅମନଯୋଗୀ ହୋଇ ବିମୁଖ ହେଉଛନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ ଅଲ୍ଲାଃତାଲାଙ୍କ ଭୟ ତଥା ଡ଼ରର ଏଭଳି ଏକ ସ୍ଥିତ ସେହି ପ୍ରକାଶମାନ ତାରା ସହ ତୁଲ୍ୟ ଥିଲା । ସେହି ଲୋକମାନେ ହିଁ ରହିଥିଲେ ଯେଉଁମାନେ କି ବାସ୍ତବିକ ରୂପେ ଧର୍ମକୁ ସଂସାର ଉପରେ ପ୍ରମୁଖତା ତଥା ପ୍ରାଧାନ୍ୟ ଏବଂ ଅଗ୍ରାଧିକାର ଦେଉଥିଲେ।

ହଜ଼ରତ୍ ଆମିର୍ ବିନ୍ ରବିୟାଃଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଜ଼ୈଦ୍ ବିନ୍ ଅମ୍ର କହିଲେ ମୁଁ ହଜ଼ରତ୍ ଇସମାଇଲ୍ ଅ.ସଙ୍କ ସନ୍ତାନମାନଙ୍କ ମଧ୍ୟରୁ ଏକ ନବିର ପ୍ରାଦୁର୍ଭାବର ଅପେକ୍ଷାରତ ଥିଲି । ଯାହାଙ୍କ ଶ୍ରେଷ୍ଠ ନାମ ଅହମଦ୍ ହେବ । କିନ୍ତୁ ମୋତେ ଏହା ପ୍ରତିତ ହୁଏ ଯେ, ମୁଁ ତାଙ୍କୁ ପାଇପାରିବି ନାହିଁ । ହେଲେ ମୁଁ ତାଙ୍କ ଉପରେ ଇମାନ୍ ଆଣୁଛି ଏବଂ ତାହାଙ୍କର ପୁଷ୍ଟି କରୁଅଛି । ମୁଁ ସାକ୍ଷୀ ଦେଉଅଛି ଯେ,ସେ ଜଣେ ନବି ଅଟନ୍ତି । ଯଦି ତୁମମାନଙ୍କୁ ତାଙ୍କର କାଳ ପ୍ରାପ୍ତ ହୁଏ ତେବେ ତୁମେମାନେ ତାଙ୍କୁ ମୋର ସଲାମ୍ (ନମସ୍କାର) ଜଣାଇବ । ମୁଁ ତୁମମାନଙ୍କୁ ତାଙ୍କର ଏମିତି ଲକ୍ଷଣ ସଂପର୍କରେ କହି ଦେଉଅଛି ଯଦ୍ୱାରା କି ସେ ତୁମମାନଙ୍କ ପାଇଁ ଅଦୃଷ୍ଟ ତଥା ଗୁପ୍ତ ହୋଇ ରହିବ ନାହିଁ । ସେ ନା ଡେଙ୍ଗା ଅଟନ୍ତି ଏବଂ ନା ସେ ଗେଡ଼ା ଅଟନ୍ତି । ତାଙ୍କର କେଶ ନା ଅଧିକ

ହୋଇଥିବ ନା ସ୍ୱଳ୍ପ ବା କମ ହୋଇଥିବ । ତାଙ୍କ ଆଖିରେ ଲାଲ ବର୍ଣ୍ଣର ଲକ୍ଷଣ ସର୍ବଦା ବିଦ୍ୟମାନ ଥିବ । ତାଙ୍କ କାନ୍ଧ ଦ୍ୱୟ ମଧ୍ୟରେ ନବୁୱତ (ଅବତାରତ୍ୱ)ର ଏକ ମୋହର ବା ମୁଦ୍ରାଙ୍କ ରହିଥିବ । ତାଙ୍କର ନାମ ଅହମଦ ହୋଇଥିବ । ଏହି ମକ୍କା ସହରଟି ତାଙ୍କ ନିମନ୍ତେ ଜନ୍ମସ୍ଥାନ ଏବଂ ବୈତ୍ ସ୍ଥଳୀ ହୋଇଥିବ । ପୁନଶ୍ଚ ତାଙ୍କରି ଜାତି ତାଙ୍କୁ ସେଠାରୁ ବହିଷ୍କାର କରିଦେବେ । ସେହି ଜାତି ତାଙ୍କର ବାର୍ତ୍ତାକୁ ଅସ୍ୱୀକୀର କରିଦେବ, ପୁନଶ୍ଚ ସେ ୟସରବ୍ ଆଡ଼କୁ ପ୍ରବାସ କରିବେ । ହଜ଼ରତ୍ ଆମିର୍ କହିଲେ ଯେତେବେଳେ ହୁଜ଼ୁର୍ ସ.ଅ.ବଙ୍କ ଆବିର୍ଭାବ ହେଲା ସେତେବେଳେ ମୁଁ ହଜ଼ରତ୍ ଜ଼ୈଦଙ୍କୁ ହୁଜ଼ୁର୍ ସ.ଅ.ବଙ୍କ ସଂପର୍କରେ ଅବଗତ କଲି । ହୁଜ଼ୁର୍ ସ.ଅ.ବ କହିଲେ ମୁଁ ତାଙ୍କୁ ସ୍ୱର୍ଗପୁରରେ ଦେଖିଅଛି , ସେ ନିଜର ପଣତକାନିକୁ ଟାଣୁଥିଲେ ।

ଅନ୍ୟଜଣେ ସାହାବି ହରାମ୍ ବିନ୍ ମିଲହାନ୍ ଅଟନ୍ତି । ହଜ଼ରତ୍ ହରାମ୍ ବିନ୍ ମିଲହାନଙ୍କ ସଂପର୍କ ଅନସାରଙ୍କ ବନୁ ଅଦି ବିନ୍ ନଜ୍ଜାର୍ ସଂପ୍ରଦାୟ ସହିତ ଥିଲା। ତାଙ୍କ ପିତା ମିଲହାନଙ୍କ ନାମ ମାଲିକ ବିନ୍ ଖାଲିଦ୍ ଥିଲା । ହଜ଼ରତ୍ ହରାମ୍ ବିନ୍ ମିଲହାନଙ୍କ ମାତାଙ୍କ ନାମ ମୁଲୈକାଃ ବିନତ୍ ମାଲିକ ଥିଲା । ତାଙ୍କର ଗୋଟିଏ ଭଉଣୀ ଥିଲେ ଯାହାଙ୍କ ନାମ ହଜ଼ରତ୍ ଉମ୍ମେ ସୁଲେମ୍ ଥିଲା । ଯେ କି ଅବୁ ତଲହା ଅନାସାରିଙ୍କ ପତ୍ନୀ ଏବଂ ହଜ଼ରତ୍ ଅନସ୍ ର.ଅଙ୍କ ମାମୁଁ ଥିଲେ ଓ ସେ ବଦର, ଓହୋଦ୍ ଯୁଦ୍ଧରେ ଶାମିଲ୍ ଥିଲେ ଏବଂ ବେରେ ମଉନା ଦିନ ବୀରଗତି ପ୍ରାପ୍ତ କରିଥିଲେ ।

ହଜ଼ରତ୍ ଅନସ୍ ବିନ୍ ମାଲିକଙ୍କଠୁ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ହଜ଼ରତ୍ ହରାମ୍ ବିନ୍ ମିଲହାନଙ୍କୁ ବେରେ ମଉନା ଦିନ ବର୍ଚ୍ଛା ବିଦ୍ଧ କରାଯାଇଥିଲା ସେତେବେଳେ ସେ ନିଜର ରକ୍ତକୁ ନିଜ ହାତରେ ନେଲେ ଏବଂ ନିଜର ମୁଖମଣ୍ଡଳରେ ବୋଳି ଓ ମୁଣ୍ଡରେ ଛିଞ୍ଚନ କରିସାରିବା ପରେ କହିଲେ فُزْتُ بِرَبِّ الْكَعْبَةِ ଅର୍ଥାତ୍ କାଆବାର ଭଗବାନଙ୍କ ଶପଥ ନେଇ କହୁଅଛି, ମୁଁ ମୋର ଇଶ୍ୱରରୂପୀ କାମନାକୁ ପାଇଗଲି । ହଜ଼ରତ୍ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ,ନବି କରିମ୍ ସ.ଅ.ବ ନିକଟକୁ ରାଅଲ୍, ଜ଼କୱାନ୍ ଏବଂ ବନୁ ଲହୟାନ୍ ସଂପ୍ରଦାୟର କେତେକ ଲୋକ ଆସିଲେ ଏବଂ କହିଲେ ଯେ, ଆମେମାନେ ମୁସଲମାନ୍ ହୋଇଯାଇଅଛୁଁ ଏବଂ ସେମାନେ ହୁଜ଼ୁର୍ ସ.ଅ.ବଙ୍କ ଠାରୁ ନିଜ ସଂପ୍ରଦାୟ ବିପକ୍ଷରେ ଯୁଦ୍ଧ ପାଇଁ ସାହାଯ୍ୟ ମାଗିଲେ । ଅତଃ ହୁଜ଼ୁର୍ ସ.ଅ.ବ ବନୁ ଲହୟାନ୍ ସଂପ୍ରଦାୟର ସତୁରିଜଣ ଅନସାର୍ ସାହାବା ଯୋଗାଇ ସାହାଯ୍ୟ କରିଥିଲେ । ହଜ଼ରତ୍ ଅନସ୍ ର.ଅ କହନ୍ତି ଯେ, ଆମେମାନେ ତାଙ୍କୁ କ଼ାରି (ଅର୍ଥାତ୍ କୋରାନର ଆବୃତ୍ତିକାରୀ) ବୋଲି ଡ଼ାକୁଥିଲୁ ସେମାନେ ଦିନବେଳା କାଠ ସଂଗ୍ରହ କରୁଥିଲେ ଏବଂ ରାତିରେ ନମାଜ଼ ପଢୁଥିଲେ । ଯେତେବେଳେ ସେହି ଲହୟାନ୍ ସଂପ୍ରଦାୟର ଲୋକମାନେ ସେହି ସତୁରିଜଣ ସାହାବାମାନଙ୍କୁ ବେରେ ମଉନା ଠାରେ ପହଞ୍ଚି ଥିବାର ଦେଖିଲେ ସେତେବେଳେ ସେମାନେ ସେହି ସତୁରି ସାହାବାମାନଙ୍କ ସହିତ ବିଶ୍ୱାସଘାତ କଲେ ଏବଂ ସେମାନଙ୍କୁ ହତ୍ୟା କଲେ । କେତେକ ରିୱାୟତରେ ଏହା ଦେଖିବାକୁ ମିଳେ ଯେ,ଆଁହଜ଼ରତ୍ ସ.ଅ.ବ ସେହି ବନୁ ରାଅଲ୍, ଲହୟାନ୍ ଏବଂ ବନୁ ଜ଼କୱାନ୍ ସଂପ୍ରଦାୟ ପାଇଁ ଚାଳିଶି ଦିନ ପର୍ଯ୍ୟନ୍ତ ନମାଜ଼ରେ ଅଭିଶାପର ପ୍ରାର୍ଥନା କରୁଥିଲେ । ମୁଁ ହୁଜ଼ୁର୍ ସ.ଅ.ବଙ୍କୁ କେବେ ବି ଏପରି ଦୁଃଖିତ, ବ୍ୟଥିତ ହେବାର ଦେଖି ନଥିଲି ଯେପରି କି ସେହି ସତୁରିଜଣ ବୀରଗତି ପ୍ରାପ୍ତ ହୋଇଥିବା କାରି ସାହାବାମାନଙ୍କ ବିୟୋଗରେ ହୁଜ଼ୁର୍ ସ.ଅ.ବ ଏତେମାତ୍ରାରେ ଦୁଃଖିତ ଥିଲେ । ହୁଜ଼ୁର୍ ଅନୱର୍ କହିଲେ : ଏହି ମହାନ୍ ବ୍ୟକ୍ତିମାନେ ଏପରି ଲୋକଥିଲେ ଯେଉଁମାନେ କି ଅଲ୍ଲାଃତାଲାଙ୍କର ସଦିଚ୍ଛା ଲାଭ କରିବା  ହିଁ ପରମ ଉଦ୍ଦେଶ୍ୟ ବୋଲି ମନେକରୁଥିଲେ ଏବଂ ସାଂସାରିକ କର୍ମ ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ନଥିଲା । ପୁନଶ୍ଚ ଅଲ୍ଲାଃତାଲା ମଧ୍ୟ ସେହି ସାହାବା ମାନଙ୍କ ସଂକ୍ରାନ୍ତରେ କୋରାନରେ ଏହା ଉଲ୍ଲିଖିତ କଲେ ଯେ, ସେ ସେମାନଙ୍କ ଠାରୁ ରାଜ଼ି ହୋଇଗଲେ ।

ବେରେ ମଉନା ଅବସରରେ ବୀରଗତି ପ୍ରାପ୍ତ ହେବା ସମୟରେ ସାହାବାମାନେ ଅଲ୍ଲାଃତାଲାଙ୍କୁ ଏହି ପ୍ରାର୍ଥନାକରି ଡ଼ାକିଥିଲେ ଯେ,: اللّٰهُمَّ بَلِّغْ عَنَّا نَبِيَّنَا اَنَّا قَدْ لَقِيْنَاكَ فَرَضِيْنَا عَنْكَ وَرَضِيْتَ عَنَّا ଯେ, ହେ ଅଲ୍ଲାଃ ନବି କରିମ୍ ସ.ଅ.ବଙ୍କୁ ଆମର ପରିସ୍ଥିତି ସଂପର୍କରେ ଅବଗତ କରାଇଦିଅ ଯେ, ଆମ୍ଭେମାନେ ଅଲ୍ଲାଃଙ୍କ ସ୍ୱର୍ଗାଲୋକରେ ଅଲ୍ଲାଃଙ୍କୁ ସାକ୍ଷାତ କରିସାରିଲୁଣି ଏବଂ ଆମ୍ଭେମାନେ ତୁମ ଠାରୁ ଏବଂ ତୁମ୍ଭେ (ଅଲ୍ଲାଃ) ଆମ୍ଭ ଠାରୁ ରାଜ଼ି (ପ୍ରସନ୍ନ,ସନ୍ତୋଷ) ହୋଇଅଛନ୍ତି । ହଜ଼ରତ୍ ଅନସ୍ ଉଲ୍ଲେଖ କରନ୍ତି ଯେ,ହଜ଼ରତ୍ ଜିବ୍ରାଇଲ୍ ଅ.ସ ନବି କରିମ୍ ସ.ଅ.ବଙ୍କ ନିକଟକୁ ଆସିଲେ ଏବଂ ଏହି ସୂଚନାଟି ଦେଲେ ଯେ, ଆପଣଙ୍କର ସେହି(ସହଚର ତଥା ଅନୁଗାମୀ) ସାଙ୍ଗମାନେ ଅଲ୍ଲାଃଙ୍କ ସ୍ୱର୍ଗାଲୋକରେ ଅଲ୍ଲାଃଙ୍କୁ ସାକ୍ଷାତ କରିସାରିଲେଣି ଏବଂ ଇଶ୍ୱର ତାଙ୍କଠାରୁ ପ୍ରସନ୍ନ ହୋଇଅଛନ୍ତି।

ହଜ଼ରତ୍ ମିର୍ଜ଼ା ବଶିର ଅହମଦ୍ ସାହେବ୍ ଏହି ଘଟଣାକ୍ରମ ସଂପର୍କରେ ଏହା ଉଲ୍ଲେଖ କରନ୍ତି ଯେ, ବେରେ ମଉନାର ଘଟଣା ଓ ଆରବ ସଂପ୍ରଦାୟଙ୍କର ରଜିଇ୍ ବାସୀଙ୍କ ପ୍ରତି ଏତେ ବୈରାଗ୍ୟପୂର୍ଣ୍ଣ ଶତ୍ରୁତା ଅନୁମିତ କରାଯାଇପାରେ । ଯାହାକି ସେମାନେ ଇସଲାମ୍ ଧର୍ମ ଏବଂ ଇସଲାମ୍ ଧର୍ମର ଅନୁଗାମୀମାନଙ୍କ ପ୍ରତି ନିଜ ମନ ଭିତରେ ଏହି ବୈରାଗ୍ୟ ଭାବ ପୋଷଣ କରୁଥିଲେ । ଆଁହଜ଼ରତ୍ ସଅ.ବଙ୍କୁ ଏହି ଘଟଣାଗୁଡିକ ସଂପର୍କରେ ଯେତେ ଆଘାତ ଲାଗୁଥିଲା ତାହା କମ୍ ଥିଲା । କିନ୍ତୁ ସେତେବେଳେ ହୁଜ଼ୁର୍ ସ.ଅ.ବ ତାଙ୍କ ବିରୁଦ୍ଧରେ କୌଣସି ଯୁଦ୍ଧ ସଂକ୍ରାନ୍ତୀୟ ପଦକ୍ଷେପ ତଥା କାର୍ଯ୍ୟାନୁଷ୍ଠାନ  ଗ୍ରହଣ କରନଥିଲେ । ହଲେ ହେଁ ଏହି ସୂଚନାର ଆସିବା ତାରିଖ ଠାରୁ ଲଗାତାର ତିରିଶି ଦିନ ପର୍ଯ୍ୟନ୍ତ ହୁଜ଼ର୍ ସ.ଅ.ବ ଫଜ଼ର ନମାଜ଼ରେ ଅତ୍ୟନ୍ତ ବିଳାପ, କ୍ରନ୍ଦନ କରି ସେହି ସାହାବାମାନଙ୍କର  ନାମ ଧରି, ଓ ନେଇ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିଲେ ଯେ, ହେ ମୋର ସ୍ୱାମୀରୂପୀ ଇଶ୍ୱର ତୁମ୍ଭେ ଆମ୍ଭର ଏପରି ଦଶା ତଥା ଅବସ୍ଥା ଉପରେ ଦୟା କର ଏବଂ ଇସଲାମର ଶତ୍ରୁମାନେ ଯେଉଁମାନ୍ କି ନିରୀହ ମୁସଲମାନମାନଙ୍କ ଉପରେ କ୍ରୁର ହୃଦୟ ହୋଇ ଆତ୍ୟାଚାର, ବର୍ବରତା ତଥା ଇସଲାମ ଧର୍ମକୁ ନିଶ୍ଚିହ୍ନ କରିଦେବା ପାଇଁ ଉଦ୍ୟମରତ ହୋଇଛନ୍ତି ସେମାନଙ୍କ କବଳରୁ ଇସଲାମ୍ ଧର୍ମକୁ ରକ୍ଷାକରୁ ତଥା ଆମ୍ଭମାନଙ୍କୁ ଉଦ୍ଧାର କର । ହୁଜ଼ରେ ଅନୱର୍ କହିଲେ : ସେହିପରି ଆଜି ମଧ୍ୟ ଶତ୍ରୁମାନଙ୍କର ହସ୍ତକୁ ଅଟକାଇବା ପାଇଁ, ଇସଲାମ ଧର୍ମକୁ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବା ପାଇଁ ଏକମାତ୍ର ପନ୍ଥା ଅଲ୍ଲାଃଙ୍କର ସହାୟତା, କୃପାଭିକ୍ଷା,  ଦୁଆ (ପ୍ରାର୍ଥନା)ର ଆବଶ୍ୟକତା ଓ ଯଥାର୍ଥତା ରହିଛି ଯେକି ସେହି ଶତ୍ରୁମାନଙ୍କର ସର୍ବନାଶ ପାଇଁ ଦୈବ ଦଉଡ଼ି ପ୍ରସ୍ତୁତ କରନ୍ତୁ ବା କରିବେ ଏବଂ ଆମ୍ଭମାନଙ୍କ ନିମନ୍ତେ ସରଳତା ଉତ୍ପନ୍ନ କରନ୍ତୁ ।

ଜଣେ ସାହାବି ହଜ଼ରତ୍ ସାଆଦ୍ ବିନ ଖୌଲା ଥିଲେ । ତାଙ୍କୁ ବିଗତ ତଥା ପୂର୍ବକାଳୀନ ସାହାବି ରୂପେ ଗଣନା କରାଯାଏ । ସେ ହବଶା ଆଡ଼କୁ ଦ୍ୱିତୀୟଥର ପାଇଁ ପ୍ରବାସକାରୀମାନଙ୍କ ମଧ୍ୟରେ ଶାମିଲ୍ ଥିଲେ ।

ହଜ଼ରତ୍ ସାଆଦ୍ ବିନ ଖୌଲା ଯେତେବେଳେ ବଦର ଯୁଦ୍ଧରେ ଶାମିଲ୍ ହୋଇଥିଲେ ସେତେବେଳେ ତାଙ୍କର ବୟସ ୨୫ବର୍ଷ ମାତ୍ର ଥିଲା । ସେ ଓହୋଦ୍ ଯୁଦ୍ଧ, ଖନ୍ଦକ୍ ଯୁଦ୍ଧ ଏବଂ ସୁଲାଃ ହୁଦୈବିୟାଃରେ ଶାମିଲ୍ ଥିଲେ । ସେ ଶ୍ରିମତୀ ସୁନିୟାଃ ଅସଲମିୟାଃଙ୍କ ସ୍ୱାମୀ ଥିଲେ । ତାଙ୍କର ମୃତ୍ୟୁ ହଜ୍ଜତୁଲ୍ ୱିଦା ଅବସରରେ ହୋଇଥିଲା ।

ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ଅବୁ ଲହୈଃସମ୍ ର.ଅ ଅଟନ୍ତି । ହଜ଼ରତ୍ ଅବୁ ଲହୈଃସମ୍ ର.ଅ ଅଶିକ୍ଷିତ, ଅନଭିଜ୍ଞ, ଗୁପ୍ତ ଯୁଗରେ ମଧ୍ୟ ମୂର୍ତ୍ତି ଉପାସନାରୁ ଦୁଃଖି ତଥା ରୁଷ୍ଟ ଥିଲ । ସେ ସେହି ମୂର୍ତ୍ତୀମାନଙ୍କ ପ୍ରତି ଖରାପ,ଅପଶବ୍ଦ କହୁଥିଲେ । କେତେକଙ୍କ ନିକଟରେ ବୈତେ ଉକ୍‌ବା ଉଲା ପୂର୍ବରୁ ହଜ଼ରତ୍ ଅସଦ୍ ବିନ୍ ଜ଼ରାରଃଙ୍କ ନିମନ୍ତ୍ରଣ କ୍ରମେ ମଦିନା ଠାରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ବୈତେ ଉକ୍‌ବା ଉଲା ସମୟରେ ମକ୍କାକୁ ଗମନ କରିବାକୁ ଥିବା ୧୨ ଜଣ ପ୍ରତିନିଧିମଣ୍ଡଳ ମାନଙ୍କ ମଧ୍ୟରେ ସେ ଶାମିଲ୍ ବା ଅନ୍ତର୍ଭୁକ୍ତ ଥିଲେ । ମକ୍କା ଠାରେ ପହଞ୍ଚି ସେ ରସୁଲୁଲ୍ଲାଃ ସ.ଅ.ବଙ୍କର ବୈତ୍ କରିଥିଲେ । ସିରତ୍ ହଜ଼ରତ୍ ଖାତମୁନ୍ ନବିୟିନରେ ହଜ଼ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ଏମ୍-ଏ ଏହା ଉଲ୍ଲିଖିତ କରିଛନ୍ତି ଯେ, ଆଁହଜ଼ରତ୍ ସ.ଅ.ବ ଲୋକମାନଙ୍କ ଠାରୁ ଅଲଗା ହୋଇ ଏକ ଘାଟି ଅର୍ଥାତ୍ ଉପତ୍ୟାକା ଠାରେ ତାଙ୍କୁ ସାକ୍ଷାତ୍ କଲେ । ହୁଜ଼ୁର୍ ସ.ଅ.ବ ୟସରବର ପରିସ୍ଥିତି ସଂପର୍କରେ ଲୋକମାନଙ୍କୁ ଅବଗତ କରାଇଲେ  ଏବଂ ଏଥର ସମସ୍ତ ସାହାବାମାନେ ସାମଗ୍ରିକ ରୂପେ ହୁଜ଼ୁର୍ ସ.ଅ.ବଙ୍କ ହସ୍ତ ଉପରେ ବୈତ୍ କଲେ । ଏହି ବୈତ୍ ମଦିନରେ ଇସଲାମର ସଂସ୍ଥାପନା ପାଇଁ ଏକ ଭିତ୍ତି ପ୍ରସ୍ତର ସାଜିଥିଲା । ବୈତେ ଉକ୍‌ବା ସାନିୟାଃରେ ଯେତେବେଳେ ହୁଜ଼ୁର୍ ସ.ଅ.ବ ସ ୭୦ ଜଣ ଅନସାର୍ ସାହାବାମାନଙ୍କ ମଧ୍ୟରୁ ମାତ୍ର ୧୨ ଜଣ ଅଭ୍ୟର୍ଥ ଘୋଷକମାନଙ୍କୁ ଚୟନ କଲେ । ସେତେବେଳେ ଅବୁ ଲହୈଃସମ୍ ର.ଅ ମଧ୍ୟ ସେହି ଅଭ୍ୟର୍ଥ ଘୋଷକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏକ ରିୱାୟତରେ ବର୍ଣ୍ଣିତ ଅଛି ଯେ,ବୈତେ ଉକ୍‌ବା ସମୟରେ ହଜ଼ରତ୍ ଅବୁ ଲହୈଃସମ ର.ଅ ସାହାଯ୍ୟ ଅନୁଗ୍ରହ ପାଇଁ ଅନୁରୋଧ କଲେ ଯେ, ହେ ରସୁଲୁଲ୍ଲାଃ ସ.ଅ.ବ ଯେତେବେଳେ ଆପଣଙ୍କର ଜାତି ଉପରେ ଆପଣ ଆଧିପତ୍ୟ ବିସ୍ତାରିତ ହେବ ସେତବେଳେ ଆପଣ ଆମମାନଙ୍କୁ ଛାଡ଼ି ନିଜ ଜାତିକୁ ଯେପରି ଫେରି ନଯାଆନ୍ତୁ ଏବଂ ଆମକୁ ବିରହର କଳଙ୍କ ବୋଲିଦେଇ ଚାଲି ନଯାଆନ୍ତୁ । ଏହା ଶୁଣି ଆଁହଜ଼ରତ୍ ସ.ଅ.ବ ସ୍ମିତହାସ୍ୟ, ମୃଦୁହସ ହୋଇ କହିଲେ ବର୍ତ୍ତମାନ ତୁମର ରକ୍ତ ମୋର ରକ୍ତରେ ପରିଣତ ହୋଇଯାଇଛି ମୁଁ ତୁମ ମାନଙ୍କ ମଧ୍ୟରୁ ଜଣେ ଏବଂ ତୁମେମାନେ ମୋ ମଧ୍ୟରୁ ଜଣେ ହୋଇ ଯାଇଅଛ । ଯିଏ ତୁମମାନଙ୍କ ସହିତ ଯୁଦ୍ଧ କରିବ ସେ ମୋ ସହିତ ଯୁଦ୍ଧ କରିବ ଏବଂ ଯିଏ ତୁମମାନଙ୍କ ସହିତ ସନ୍ଧି ସ୍ଥାପନ କରିବ ସେ ମୋ ସହିତ ସନ୍ଧି ସ୍ଥାପନ କରିବ । ରସୁଲୁଲ୍ଲାଃ ସ.ଅ.ବ ମକ୍କା ପ୍ରବାସ କଳାପରେ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍  ଏବଂ ହଜ଼ରତ୍ ଅବୁ ଲହୈଃସମ୍ ର.ଅ ଅନସାରୀଙ୍କ ମଧ୍ୟରେ ବନ୍ଧୁତ୍ୱତା ସ୍ଥାପନ କଲେ । ହଜ଼ରତ୍ ଅବୁ ହୁରୈରାଃ ର.ଅ ଉଲ୍ଲେଖ କରନ୍ତି ଯେ,ନବି କରିମ୍ ସ.ଅ.ବ ହଜ଼ରତ୍ ଅବୁ ବକର୍ ଏବଂ ହଜ଼ରତ୍ ଉମର୍ ଏବଂ ହଜ଼ରତ୍ ଅବୁ ଲହୈଃସମ୍ ଅନସାରୀଙ୍କ ଘରକୁ ଗଲେ । ହଜ଼ରତ୍ ଅବୁ ଲହୈଃସମ୍, ନବି କରିମ୍ ସ.ଅ.ବ ହଜ଼ରତ୍ ଅବୁ ବକର୍ ଏବଂ ହଜ଼ରତ୍ ଉମରଙ୍କୁ ସାଙ୍ଗରେ ଧରି ଉଦ୍ୟାନ ଆଡ଼କୁ ପ୍ରସ୍ଥାନ କଲେ ଏବଂ ଗୋଟିଏ ପ୍ରଚ୍ଛାଦନ ଅର୍ଥାତ୍ ବିଞ୍ଚଣା ଚାଦର ବିଛାଇ ଦେଲେ । ପୁନଶ୍ଚ ଶୀଘ୍ର ଉଦ୍ୟାନ ଆଡ଼କୁ ଗଲେ ଏବଂ ଖଜୁରୀକୋଳିର ସଂପୂର୍ଣ୍ଣ ପେନ୍ଥା ବା ଗୁଚ୍ଛ କାଟି (ତୋଳି) ଆଣିଲେ ଯେଉଁ ପେନ୍ଥାରେ କି ଅପରିପକ୍ୱ ଅର୍ଥାତ୍ କଞ୍ଚା ଏବଂ ପକ୍ୱ ଅର୍ଥାତ୍ ପାକଳ ଫଳ ଲାଗିଥିଲା । ଏହା ଦେଖି ହୁଜ଼ୁର୍ ସ.ଅ.ବ କହିଲେ ହେ ଅବୁ ଲହୈଃସମଙ୍କୁ କେବଳ (ପକ୍ୱ) ପାକଳ ଫଳ କାହିଁକି ବାଛିକି ଆଣିଲ ନାହିଁ । ତେବେ ହଜ଼ରତ୍ ଅବୁ ଲହୈଃସମ୍ ର.ଅ କହିଲେ ହେ ରସୁଲୁଲ୍ଲାଃ ସ.ଅ.ବ ମୁଁ ଚାହୁଁଥିଲି କି ଆପଣ ଆପଣଙ୍କ ନିଜ ଇଚ୍ଛା ମୁତାବକ ପକ୍ୱ ଖଜୁରୀ ବାଛି ଖାଇନିଅନ୍ତୁ । ହୁଜ଼ୁର୍ ସ.ଅ.ବ ଏବଂ ହଜ଼ରତ୍ ଅବୁ ବକର୍ ଏବଂ ହଜ଼ରତ୍ ଉମର ର.ଅ ଖଜୁରୀ କୋଳି ଖାଇଲେ ଏବଂ ପାଣି ପିଇଲେ । ଏହାପରେ ରସୁଲୁଲ୍ଲାଃ ସ.ଅ.ବ କହିଲେ ମୁଁ ଇଶ୍ୱରଙ୍କ ଶପଥ କରି କହୁଛି ଯେ, ଏହା ସେହି ବରଦାନ ବା ଅନୁକମ୍ପା (ଅର୍ଥାତ୍) ଅଟେ ଯାହାଙ୍କ ସଂପର୍କରେ ତୁମକୁ କ୍ୱୟାମତ୍(ମହାପ୍ରଳୟ)ଦିନ ପଚରା ଯିବ  ଅର୍ଥାତ୍ ଶୀତଳ ଛାଇ ଏବଂ ଶୀତଳ ଜଳ ଏବଂ ତଟକା ଖଜୁରୀଫଳ ।

ଏକଦା ଆଁହୁଜ଼ୁର୍ ସ.ଅ.ବଙ୍କୁ ହଜ଼ରତ୍ ଅବୁ ଲହୈଃସମ ଏକ ଯୁଦ୍ଧରେ ଧରାପଡିଥିବା କଏଦୀକୁ ଦାସ ରୂପେ ପ୍ରଦାନ କଲେ । ତେବେ ହୁଜ଼ୁର୍ ସ.ଅ.ବ ତାହାକୁ ସ୍ୱାଧୀନ କରିଦେଲେ । ହଜ଼ରତ୍ ଅବୁ ଲହୈଃସମ୍ ବଦର୍ ଯୁଦ୍ଧ, ଓହୋଦ୍, ଖନ୍ଦକ୍ ଯୁଦ୍ଧ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର୍ ସ.ଅ.ବଙ୍କ ସହିତ ହମ୍ ରେକାବ୍ ଅର୍ଥାତ୍ ସହ ପଦଧାରିଣ ବ୍ୟକ୍ତିରୂପେ ଶାମିଲ ଥିଲେ । ମୌତାଃ ଯୁଦ୍ଧରେ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ବୀରଗତି ପ୍ରାପ୍ତ ହେବା ପରେ ନବି କରିମ୍ ସ.ଅ.ବ ହଜ଼ରତ୍ ଅବୁ ଲହୈଃସମଙ୍କୁ ଖୈବରରେ ଖଜୁରୀଫଳର ଅନୁମାନ ତଥା ପ୍ରାକ୍କଳନ କରିବା ପାଇଁ ମଧ୍ୟ ପ୍ରେରଣ କରିଥିଲେ ।

ରସୁଲେ କରିମ୍ ସ.ଅ.ବଙ୍କ ବିୟୋଗ ପରେ ଯେତେବେଳ ହଜ଼ରତ୍ ଅବୁ ବକର୍ ର.ଅ ହଜ଼ରତ୍ ଅବୁ ଲହୈଃସମଙ୍କୁ ଖଜୁରୀର ପ୍ରାକ୍କଳନ ବା ପୂର୍ବାନୁମାନ ନିମନ୍ତେ ଉଦ୍ୟାନକୁ ହଜ଼ରତ୍ ଅବୁ ଲହୈଃସମଙ୍କୁ ପ୍ରେରଣ କରିବାକୁ ଚାହିଁଲେ ସେତେବଳେ ହଜ଼ରତ୍ ଅବୁ ଲହୈଃସମ୍ ହଜ଼ରତ୍ ଅବୁ ବକର୍ ର.ଅ ୟଙ୍କୁ କ୍ଷମା ଯାଚନା କରିଦେଇଥିଲେ । ଯେତେବେଳେ ହଜ଼ରତ୍ ଅବୁ ବକର୍ ର.ଅ, ହଜ଼ରତ୍ ଅବୁ ଲହୈଃସମଙ୍କ ଠାରୁ ଖଜୁରୀ ନ ତୋଳିବାର କାରଣ ଜ଼ାଣିବାକୁ ଚାହିଁଲେ ସେତବେଳେ ହଜ଼ରତ୍ ଅବୁ ଲହୈଃସମ୍ ଅତ୍ୟନ୍ତ ଉତ୍ତେଜିତ ଶୈଳୀରେ କହିଲେ ଯେ, ଯେତେବେଳେ ମୁଁ ହୁଜ଼ୁର୍ ସ.ଅ.ବ କାଳରେ ଖଜୁରୀର ପ୍ରାକ୍କଳନ କରିସାରି ଫେରୁଥିଲି ସେତେବେଳେ ହୁଜ଼ୁର୍ ସ.ଅ.ବ ମୋ ପାଇଁ ପ୍ରାର୍ଥନା କରୁଥିଲେ । ହଜ଼ରତ୍ ଅବୁ ବକ୍ରର୍ ର.ଅ ହଜ଼ରତ୍ ଅବୁ ଲହୈଃସମଙ୍କ ହୃଦୟର ଏହିଭଳି ପରିସ୍ଥିତ ଉପୁଜୁଥିବା ଦେଖି ତାଙ୍କୁ ଆଉ ଫଳର ପ୍ରାକ୍କଳନ କରିବା ପାଇଁ ଉଦ୍ୟାନକୁ ପଠାଇଲେ ନାହିଁ । ପୁନଶ୍ଚ ହଜ଼ରତ୍ ଉମର୍ ର.ଅଙ୍କ କାର୍ଯ୍ୟକାଳରେ ହଜ଼ରତ୍ ଉମର୍ ର.ଅ ଯେତେବେଳେ ଖୈବର୍ ଜମିର ଆକଳନ କରିବା

ପାଇଁ ହଜ଼ରତ୍ ଅବୁ ଲହୈଃସମଙ୍କୁ ପ୍ରେରଣ କଲେ ସେତେବେଳେ ସେ ରାଜ଼ି ହୋଇ ଯଥାଶୀଘ୍ର ବାହାରି ପଡ଼ିଲେ । ଏହାର କାରଣ ଥିଲା ଯେ, ସେ ଆଉ ପୂର୍ବପରି ଉତ୍ତେଜିତ ନଥିଲେ ।

ହୁଜୁରେ ଅନୱର୍ କହିଲେ : ଜୁମ୍ମା ନମାଜ଼ ପରେ ମୁଁ ୨ ଜଣ ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଘୋଷଣା କରିବି ଏବଂ ସେମାନଙ୍କର ଜନାଜ଼ା ( ଅନ୍ତ୍ୟେଷ୍ଟି କ୍ରିୟା) ନମାଜ଼ ଜୁମା ପରେ ପଢିବି । ତନ୍ମଧ୍ୟରୁ ପ୍ରଥମ ହେଉଛନ୍ତି ଶ୍ରୀଯୁକ୍ତ ମିର୍ଜା ମୁଜିବ୍ ଅହମଦ୍ ସାହେବ୍ ନାସିର୍ ଯେ କି ହଜ଼ରତ୍ ମିର୍ଜା ବଶୀର୍ ଅହମଦ୍ ସାହେବଙ୍କ ସୁପୁତ୍ର ଥିଲେ । ଅଗଷ୍ଟମାସ ୧୪ତିରଖରେ ୯୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା اِنَّا لِلّٰہِ وَاِنَّا اِلَیۡہِ رٰجِعُوۡن । ୧୮ ଜୁଲାଇ ୧୯୨୪ ମସିହାରେ ହଜ଼ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ଏବଂ ଶ୍ରୀଯୁକ୍ତ ସରୱର୍ ସୁଲତାନା ବେଗମ୍ ବିନତ୍ ହଜ଼ରତ୍ ମିର୍ଜା ଗୁଲାମ୍ ହସନ୍ ସାହେବ ପେଶାୱରିଙ୍କ ଘରେ, କ଼ାଦିୟାନ୍ ଠାରେ ଜନ୍ମଗ୍ରହଣ କିରଥିଲେ । ମିର୍ଜା ମୁଜିବ୍ ଅହମଦ୍ ସାହେବ ୧୯୪୪ ମସିହା ମେ ମାସ ୭ ତାରିଖରେ ଖ୍ଦମତେ ଦିନ୍ ଅର୍ଥାତ୍ ଧର୍ମର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ତତ୍ ସହିତ ଅଧ୍ୟାପନା ମଧ୍ୟ ଜାରି ରଖିଲେ । ୧୯୪୯ ମସିହା ଡିସେମ୍ବର ମାସରେ ଜମିଆତୁଲ୍ ମୁବଶ୍ଶିରିନରେ ପ୍ରବେଶ (ADMISSION କରିଥିଲେ) ନେଇଥିଲେ ଏବଂ ସେ ୧୯୫୪ ମସିହା ଜୁଲାଇ ମାସରେ ଜାମିଆରୁ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କର ନିକାଃ ୧୯୫୦ ମସିହା ଡିସେମ୍ବର ମାସ ୨୮ ତାରିଖ ଦିନ ଜଲସା ସାଲାନାର ତୃତୀୟ ଦିନରେ ହଜ଼ରତ୍ ନୱାବ୍ ଅବ୍ଦୁଲ୍ଲାଃ ସାହେବ୍ ଏବଂ ନୱାବ୍ ଅମତୁଲ୍ ହଫିଜ଼ଙ୍କ ସୁପୁତ୍ରୀ କୁଦସିୟା ବେଗମ୍ ସହିତ ହଜ଼ରତ୍ ଖଲିଫତୁଲ୍ ମସିଃ-ଉସ୍-ସାନି ପଢିଥିଲେ । ହୁଜୁର୍ ଅନୱର୍ କହିଲେ ଯେ,ସ୍ୱର୍ଗତ ମିର୍ଜା ମୁଜିବ୍ ଅହମଦ୍ ସାହେବ ଅଲଫଜ଼ଲ୍ ପତ୍ରିକାରେ ନିରନ୍ତରଭାବେ ନିବନ୍ଧ, ପ୍ରବନ୍ଧମାନ ଲେଖୁଥିଲେ,ସେ ଜଣେ ଜ୍ଞାନୀ, ବିଜ୍ଞ ବ୍ୟକ୍ତି ଥିଲେ । ଏହିସବୁ ନିବନ୍ଧ ତଥା ପ୍ରବନ୍ଧଗୁଡ଼ିକ ପୁସ୍ତକାରରେ '**ନୁକତା ନଜ଼ର୍**' ନାମରେ ପ୍ରକାଶିତ ହୋଇଅଛି । ସେ ଲଖାପଢାରେ ବହୁତ ରୁଚି ରଖୁଥିଲେ । ମୁଁ ମଧ୍ୟ ତାଙ୍କୁ (ଲାଇବ୍ରେରୀରେ) ପାଠାଗାରରେ ଅଧିକାଂଶ ସମୟ ଅତିବାହିତ କରୁଥିବାର ତଥା ଅଧ୍ୟୟନରତ ଥିବାର ଅବଲୋକନ କରିଅଛି । ତାଙ୍କର ବହୁ (ବଧୂ) ମିର୍ଜା ଗୁଲାମ୍ କ଼ାଦିର୍ ସାହେବ ଶହିଦଙ୍କ ବେୱା (ବିଧବା) ଅମତୁନ୍-ନାସିର୍ ଉଲ୍ଲିଖିତ କରନ୍ତି ଯେ, ସେ ସର୍ବୋଚ୍ଚ ପ୍ରେମ ପ୍ରିୟର ଅଧିକାରୀ ଥିଲେ । ସେ ନିଷ୍ପାପର ତଥା ମୁକ୍ତ ହୃଦୟର ବ୍ୟକ୍ତି ଥିଲେ । ସ୍ୱର୍ଗତ ମିର୍ଜା ମୁଜିବ୍ ଅହମଦ୍ ସାହେବ ନିଜର ଶହୀଦ୍ ପୁତ୍ର ସ୍ୱର୍ଗତ ମିର୍ଜା ଗୁଲାମ କ଼ଦିର୍ ସାହେବଙ୍କ ଶାହାଦତ୍ ବେଳେ ଅତ୍ୟନ୍ତ ଧୌର୍ଯ୍ୟ ତଥା ସହନଶୀଳତାର ପରିଚୟ ଦେଇଥିଲେ । ଅଲ୍ଲାଃତାଲା ତାଙ୍କୁ ମୋକ୍ଷ ପ୍ରଦାନ କରି ଓ ତାଙ୍କ ପ୍ରତି ଦୟା ତଥା ସଦବ୍ୟବହାର ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କର ସନ୍ତାନ ମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟ, ସୁଗୁଣ ଗୁଡିକୁ ନିରବଚ୍ଛିନ୍ନ ଜାରି ରଖିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଖିଲାଫତ୍ ସହିତ ସର୍ବଦା ସଂଲଗ୍ନ ରହିବ ରହିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ଅନ୍ୟ ଏକ ଜନାଜ଼ା ହେଉଛି ସ୍ୱର୍ଗତା ଶ୍ରୀମତି ସୟେଦାଃ ନସିମ୍ ଅଖତର୍ ସାହେବା ଯେ କି ମହମ୍ମଦ୍ ୟୁସୁଫ୍ ସାହେବଙ୍କର ପତ୍ନୀ ଥିଲେ । ତାଙ୍କର ମୃତ୍ୟୁ ୨୦୧୮ ମସିହା ଜୁଲାଇ ମାସ ୨୭ ତାରିଖ ଦିନ ହୋଇଥିଲା اِنَّا لِلّٰہِ وَاِنَّا اِلَیۡہِ رٰجِعُوۡن । ସେ ହଜ଼ରତ୍ ମସିଃ ମଉଦ୍ ଅ.ସ ସାହାବି (ଅନୁଗାମୀ) ହଜ଼ରତ୍ ୱଲି ମହମ୍ମଦ୍ ସାହେବଙ୍କ ନାତୁଣୀ ଓ କ଼ାଜ଼ି ଦୀନ୍ ମହମ୍ମଦ୍ ସାହେବଙ୍କ ସୁପୁତ୍ରୀ ଥିଲେ । ଅଲ୍ଲାଃତାଲା ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ଏବଂ ତାଙ୍କର ପୁଣ୍ୟସବୁ ଓ ସୁଗୁଣ ଗୁଡିକୁ ନିରବଚ୍ଛିନ୍ନ ଜାରି ରଖିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ

•••••••••••••••••••••••

Khulasa Khutba Juma Huzoor Anwar a.b.a
17th AUG 2018

•••••••••••••••••